ବିହାର ରାଜ୍ୟ ବିଦ୍ୟୁତ ମଣ୍ଡଳୀ

ବନାମ

ଅଖିଳ କୃଷ୍ଣ ମିତ୍ର ଏବଂ ଅନ୍ୟମାନେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ :*

*ଅବସରକାଳୀନ ଭତ୍ତା–କର୍ମଚାରୀ ଦୁଇଟି ସଂଗଠନ ଅଧୀନରେ କାର୍ଯ୍ୟ କରିଛନ୍ତି–କର୍ମଚାରୀ ଅବସରକାଳୀନ ଭତ୍ତାର ସମାନୁପାତିକ ବୋଝ ବହନ କରିବା ପାଇଁ ନିଯୁକ୍ତିଦାତାଙ୍କ ଦାୟିତ୍ୱ –କର୍ମଚାରୀ 1950 ରୁ 1959 ପର୍ଯ୍ୟନ୍ତ ବିହାର ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ ଏବଂ 1959 ରୁ 1984 ପର୍ଯ୍ୟନ୍ତ ବିହାର ରାଜ୍ୟ ବିଦ୍ୟୁତ୍ ବୋର୍ଡ ଅଧୀନରେ କାର୍ଯ୍ୟ କରିଥିଲେ –ବୋର୍ଡ ଦ୍ୱାରା ଏହା ସହିତ ପ୍ରଦାନ କରାଯାଇଥିବା ସେବା ଅବଧି ପାଇଁ ଅବସରକାଳୀନ ଭତ୍ତା ପ୍ରଦାନ କରିଥିଲା –ରାଜ୍ୟ ସରକାର 1950 ରୁ 1959 ଅବଧି ପାଇଁ ଭାର ବହନ କରିବାକୁ ମନା କରିଥିଲେ –ଦର୍ଶାଯାଇଛି, କର୍ମଚାରୀ ରାଜ୍ୟ ସରକାରଙ୍କୁ ଏକ ନିବେଦନ ପତ୍ର କରିବେ, ଯାହା ଏକ ତର୍କଯୁକ୍ତ ଆଦେଶ ସହିତ ଏହାର ପରିସମାପ୍ତି କରିବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15066/1996 ।

ସି.ଡବ୍ଲ୍ୟୁ.ଜେ.ସି. 11515/1992 ରେ ପାଟନା ଉଚ୍ଚ ନ୍ୟାୟାଳୟ 7.12.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ପ୍ରମୋଦ ସ୍ୱରୂପ ।

ଉତ୍ତରଦାତାମାନଙ୍କ ପାଇଁ ବି.ବି. ସିଂହ ଏବଂ ଡି.ପି. ମୁଖାର୍ଜୀ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସିଡବ୍ଲ୍ୟୁଜେସି ସଂଖ୍ୟା 11515/92 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ଡିସେମ୍ବର 7,1993 ତାରିଖରେ ପ୍ରଦାନ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଉତ୍ତରଦାତା ଜୁନ୍ 1950 ତାରିଖରେ ଜଣେ ସରକାରୀ କର୍ମଚାରୀ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ଅଗଷ୍ଟ 4,1959 ତାରିଖରେ ଅପିଲକାରୀ-ବୋର୍ଡକୁ କର୍ମାନ୍ତର ପ୍ରେରଣରେ ପଠାଯାଇଥିଲା । ସେ ବିଦ୍ୟୁତ ବୋର୍ଡ଼ ଅଧୀନରେ ସାମିଲ ଥିଲେ । 25 ନଭେମ୍ବର, 1970 ତାରିଖରେ ବୋର୍ଡରେ ନିଯୁକ୍ତି ପାଇଥିଲେ ଏବଂ 30 ଏପ୍ରିଲ, 1984 ତାରିଖରେ ଚାକିରିରୁ ସେବାନିବୃତ୍ତ ନେଇଥିଲେ । ପ୍ରଶ୍ନ ହେଉଛି ଯେ, କେଉଁ ଅବଧି ପାଇଁ ବୋର୍ଡ ଉତ୍ତରଦାତାଙ୍କୁ ଅବସରକାଳୀନ ଭତ୍ତା ଦେବାକୁ ଉତ୍ତରଦାୟୀ ? ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଯେହେତୁ ସେ ଜୁନ୍ 1950 ରୁ ଅଗଷ୍ଟ 1959 ପର୍ଯ୍ୟନ୍ତ ସରକାରୀ ଚାକିରିରୁ କର୍ମାନ୍ତର ପ୍ରେରଣରେ ଥିଲେ, ଅପିଲକାରୀ-ବୋର୍ଡ ଅବସରକାଳୀନ ଭତ୍ତା ପ୍ରଦାନ

କରିବା ଉଚିତ ଏବଂ ସମାନୁପାତିକ ଭାବରେ ସରକାରଙ୍କ ଠାରୁ ଅବସରକାଳୀନ ଭତ୍ତା ଆଦାୟ କରିବା ଉଚିତ । ସରକାର ସେହି ବୋଝ ବହନ କରିବାକୁ ମନା କରିଦେଇଥିଲେ ଏବଂ ତେଣୁ, ବୋର୍ଡ ଏହି ପ୍ରସଙ୍ଗରେ ଅପିଲ କରିଛି । ଆମେ ରାଜ୍ୟ ସରକାରଙ୍କୁ ବିଜ୍ଞପ୍ତି ଜାରି କରିଛୁ । ରାଜ୍ୟ ସରକାର ଏହାର ଖଣ୍ଡନ ପତ୍ର ଦାଖଲ କରିଛନ୍ତି । ଖଣ୍ଡନ ପତ୍ରରେ କୁହାଯାଇଛି ଯେ, ବିହାର ଅବସରକାଳୀନ ଭତ୍ତା ନିୟମାବଳୀର ଭାଗ 2 ପରିଶିଷ୍ଟ 5-2 (iii) ଅନୁଯାୟୀ, ଯଦି କୌଣସି ସରକାରୀ କର୍ମଚାରୀ ରାଜ୍ୟ ସରକାରୀ ଚାକିରିରେ 10 ବର୍ଷର ସେବା ସମ୍ପୂର୍ଣ୍ଣ ନ କରନ୍ତି, ତେବେ ସେ ସମାନୁପାତିକ ଭାବେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ନୁହଁନ୍ତି । ଏହା ପରେ, ଉତ୍ତରଦାତା-କର୍ମଚାରୀଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିଲା । ଉତ୍ତରଦାତା-କର୍ମଚାରୀଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଉତ୍ତରଦାତା ସ୍ୱେଚ୍ଛାକୃତ ଭାବରେ କର୍ମାନ୍ତରଣ ପ୍ରେରଣରେ ଯାଇ ନଥିଲେ, କିନ୍ତୁ ଯେତେବେଳେ ଆମେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ସତ୍ୟପାଠରେ ଦିଆଯାଇଥିବା ବିବୃତିକୁ ଅନୁଧ୍ୟାନ କଲୁ, ଆମେ ଦେଖୁ ଯେ, ସେ ନିର୍ଦ୍ଦିଷ୍ଟ ଭାବରେ ଏହାକହି ନାହାଁନ୍ତି । ପରବର୍ତ୍ତୀ ସମୟରେ, ସେ ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ପାଲଟା ସତ୍ୟପାଠରେ ନିବେଦନ କରିଥିଲେ ଯେ, ତାଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କୁ ବିଦ୍ୟୁତ୍ ବୋର୍ଡକୁ କର୍ମାନ୍ତରଣ ପ୍ରେରଣରେ ପଠାଯାଇଥିଲା । ଏହି ପରିସ୍ଥିତିରେ, ଆମେ ଏହି ଅପିଲରେ ବିବାଦର ନିଷ୍ପତ୍ତି ନେଇପାରିବୁ ନାହିଁ, ଯଦିଓ ଉତ୍ତରଦାତା ସେହି ପ୍ରଭାବକୁ ଦୃଢୋକ୍ତି କରିଛନ୍ତି । ସ୍ୱୀକାରଯୋଗ୍ୟ ଭାବେ, ଯେଉଁ ଅବଧି ପାଇଁ ଉତ୍ତରଦାତା ବୋର୍ଡର ସେବା ଅଧୀନରେ ଥିଲେ, ସେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଏବଂ ତାଙ୍କୁ ଯେଉଁ ମାସରେ କର୍ମାନ୍ତରଣ ପ୍ରେରଣରେ ପଠାଯାଇଥିଲା ସେହି ମାସଠାରୁ ତାଙ୍କୁ ଦିଆଯାଇ ଆସିବ । ବାସ୍ତବିକ ବିବାଦ ଜୁନ 1950 ରୁ ଅଗଷ୍ଟ 1959 ପର୍ଯ୍ୟନ୍ତ ଅବଧି ସହିତ ସଂପୃକ୍ତ ଅଟେ । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଏହା ଏକ ବିବାଦୀୟ ପ୍ରଶ୍ନ ହୋଇଥିବାରୁ, ଉପଯୁକ୍ତ ପଦକ୍ଷେପ ହେବ ଯେ, ଉତ୍ତରଦାତା କର୍ମଚାରୀ ସରକାରଙ୍କୁ ଏକ ନିବେଦନପତ୍ର କରିବା ଉଚିତ ଏବଂ ବିହାର ରାଜ୍ୟ ସରକାର ଆଇନ ଅନୁଯାୟୀ, ଉପସ୍ଥାପନା ତାରିଖ ଠାରୁ ତିନି ମାସ ମଧ୍ୟରେ ତର୍କଯୁକ୍ତ ଆଦେଶ ସହିତ ନିବେଦନର ବିଚାର କରିବେ ଏବଂ ଫଏସଲା କରିବେ ।

ତଦନୁସାରେ ଅପିଲର ପରିସମାପ୍ତି କରାଯାଉଛି । ଏହା ଉଲ୍ଲେଖ କରାଯାଇଛି ଯେ, ସମାନ ପରିସ୍ଥିତିରେ କିଛି ବ୍ୟକ୍ତି ଯେଉଁମାନଙ୍କ ନାମ ଆବେଦନରେ ଦାଖଲ କରାଯାଇଥିଲା ସେମାନଙ୍କୁ ସରକାରଙ୍କ ଦ୍ୱାରା ସୁବିଧା ପ୍ରଦାନ କରାଯାଇଥିଲା । ଏହା ପ୍ରତୀତ ହୁଏ ଯେ, ବୋର୍ଡ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ରାଶି ପ୍ରଦାନ କରିଛି, ତେଣୁ ବୋର୍ଡଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ଏବଂ ଉପଯୁକ୍ତ ନିର୍ଦ୍ଦେଶ ନେବା ଉଚିତ ।

ଆର୍.ପି. ଅପିଲର ପରିସମାପ୍ତି କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**<u>ଅନୁବାଦିକା :</u>**

ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ